# ପିଲାଙ୍କ ଧରିତ୍ରୀ

ଶନିବାର, ୧୬ ନଭେମ୍ବର, ୨୦୧୯



ଆସ ଜାଣିବା ୩

କବିତା ୬

ଆଇନା ୮

ଜଣା -ଅଜଣା ୭

## ମତାମତ

"କାର୍ତ୍ତିକ ପୂର୍ଣ୍ଣିମା ଓ ଶିଶୁ ଦିବସ ଉପଲକ୍ଷେ ତୁମ ତୁଳୀରୁ ପୃଷ୍ଠାରେ ସ୍ଥାନ ପାଇଥିବା ଚିତ୍ରଗୁଡିକ ଖୁବ୍ ସୁନ୍ଦର ଲାଗୁଥିଲା।

**- ମୋନାଲିସା ସ୍ୱାଇଁ,**
ଗୋପାଳପୁର, ଖୋର୍ଦ୍ଧା

"ପୃଷ୍ଠା ୩ ରେ ପ୍ରକାଶିତ 'ଓ୍ୱଣ୍ଡର କିଡ୍ସ' ପାଠ କଲି। ନିଶ୍ଚୟ ଏହି ପ୍ରତିଭାମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିବେ।

**- ପ୍ରଭାତ ମହାପାତ୍ର,**
ଶ୍ୟାମରାୟପୁର, ଭଦ୍ରକ

"ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠା ଖୁବ୍ ସୁନ୍ଦର ଲାଗୁଥିଲା। ପ୍ରତିଟି ପାଠର ଉପସ୍ଥାପନା ଆକର୍ଷଣୀୟ ଥିଲା।

**- ସସ୍ମିତା ରାୟ,**
ମୁକୁନ୍ଦପୁର, ବାଙ୍କୀ

"ପୃଷ୍ଠା ୨ରେ ପ୍ରକାଶ ପାଇଥିବା ଗପ 'ବୋଇତ ଭସାଣ' ଭଲ ଲାଗିଲା। କବିତା ସ୍ତମ୍ଭର ପ୍ରତିଟି କବିତା ହୃଦୟସ୍ପର୍ଶୀ ଥିଲା।

**- ଅନ୍ୱେଷା ସାହୁ,** ଡୁବୁରୀ, ଯାଜପୁର

### ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଜଳର ଶ୍ରେଷ୍ଠତା

ଗପ



ଅଜ୍ଞାତବାସରେ ଥିବା ସମୟରେ ବଣ ଜଙ୍ଗଲରେ ଲୁଚି ଲୁଚି ବୁଲୁଥିଲେ ପାଣ୍ଡବମାନେ। ଏମିତି ବଣ ଜଙ୍ଗଲରେ ଘୂରି ବୁଲୁଥିବାବେଳେ ଦିନେ ମାତା କୁନ୍ତୀଙ୍କୁ ଭୀଷଣ ଶୋଷ ଲାଗିଲା। ତେଣୁ ସେ ଯୁଧିଷ୍ଠିର ଆଉ ଭୀମଙ୍କୁ ପଠେଇଲେ ଜଳ ଆଣିବା ପାଇଁ। ମାତା କୁନ୍ତୀଙ୍କର ଆଦେଶ ପାଳନ କରିବା ପାଇଁ ଦୁଇଭାଇ ଦୁଇଟି ଅଲଗା ଦିଗରେ ବାହାରିଗଲେ ଜଳର ସନ୍ଧାନ କରିବାକୁ। ବହୁତ ଦୂର ଗଲାପରେ ଯୁଧିଷ୍ଠିରଙ୍କୁ ଜଙ୍ଗଲରେ ଏକ ସ୍ୱଚ୍ଛ ଜଳର ପୋଖରୀଟିଏ ମିଳିଲା। ସେ ପୋଖରୀ ଦେଖି ବହୁତ ଖୁସି ହୋଇଗଲେ। ହେଲେ ମା'ଙ୍କ ପାଖକୁ ଜଳ ନେବେ କେମିତି ? ଏମିତି ଭାବୁ ଭାବୁ ସେ ଚାରିପଟକୁ ଭଲରେ ଦେଖିଲେ । ହଠାତ୍ ସେ ଗୋଟିଏ ଗଛ ଦେଖିଲେ ଯାହାର ପତ୍ରଗୁଡ଼ିକ ବହୁତ ବଡ଼ ବଡ଼ ଥିଲା। ସେ କ'ଣ କଲେ ନା କିଛି ପତ୍ର ତୋଳି ସେଥିରେ ଗୋଟିଏ ମଜଭୁତ ଦନା ବନେଇଲେ, ଆଉ ସେହି ଦନାକୁ ଜଳପୂର୍ଣ୍ଣ କରି ବହୁତ ସାବଧାନତାର ସହିତ ଧରି ଚାଲିଲେ ମା'ଙ୍କ ପାଖକୁ।

ଏପଟେ ଭୀମ ଅଳ୍ପ ଦୂର ଗଲା ପରେ ଦେଖିଲେ ଜଣେ ସାଧୁଙ୍କର କୁଡ଼ିଆ । ସେ କ'ଣ କଲେ ନା କାହାକୁ କିଛି ନ ପଚାରି କୁଡ଼ିଆରେ ଥିବା ଜଳପୂର୍ଣ୍ଣ ମାଠିଆଟିକୁ ଧରି ଚାଲିଲେ ମା'ଙ୍କ ପାଖକୁ, ଆଉ ଯୁଧିଷ୍ଠିରଙ୍କ ଆସିବା ପୂର୍ବରୁ ଯାଇ ପହଞ୍ଚିଗଲେ ମା'ଙ୍କ ପାଖରେ। ତା'ପରେ ସେ ମାତା କୁନ୍ତୀଙ୍କୁ ବଢ଼େଇଦେଲେ ଜଳପୂର୍ଣ୍ଣ ମାଠିଆଟାକୁ ଜଳ ପାନ କରିବା ପାଇଁ।

ଭୀମ ଆଣିଥିବା ମାଠିଆର ସମସ୍ତ ଜଳକୁ ପିଇବା ସତ୍ତ୍ୱେ ନା ତ ମାତା କୁନ୍ତୀଙ୍କର ଶୋଷ ମେଣ୍ଟିଲା ନା ତାଙ୍କୁ ମାଠିଆରେ ଥିବା ଜଳର ସ୍ୱାଦ ଭଲ ଲାଗିଲା। ହେଲେ ଯେତେବେଳେ ଯୁଧିଷ୍ଠିର ଦନାରେ ଆଣିଥିବା ଜଳ ମାତା କୁନ୍ତୀଙ୍କୁ ପିଇବାକୁ ଦେଲେ, ସେତେବେଳେ ମାଙ୍କ ଆତ୍ମା ତୃପ୍ତ ହୋଇଗଲା ସେହି ଜଳକୁ ପାନ କରି। ଏହା ଦେଖି ଭୀମଙ୍କୁ ଆଦୌ ଭଲ ଲାଗିଲାନି। ସେ ଆଣିଥିବା ଜଳକୁ ପିଇ ମାତାଙ୍କ ଆତ୍ମା ତୃପ୍ତ ହେଲାନି। ଅଥଚ ଯୁଧିଷ୍ଠିର ଆଣିଥିବା ଦନାଏ ଜଳରେ ମାତାଙ୍କର ଆତ୍ମ ତୃପ୍ତ ହୋଇଗଲା, ହେଲେ କେମିତି ?

ଭୀମଙ୍କ ଚେହେରାରୁ ମାତା କୁନ୍ତୀ ବୁଝିଗଲେ ତାଙ୍କ ମନ ଭିତରେ ଚାଲିଥିବା ଦ୍ୱନ୍ଦ୍ୱକୁ। ତେଣୁ ସେ କହିଲେ, ''ପୁଅ ଭୀମ, ତୁ ଆଣିଥିବା ମାଠିଆରେ ଅଧିକ ମାତ୍ରାରେ ଜଳ ଅବଶ୍ୟ ଥିଲା ହେଲେ ସେହି ଜଳରେ ମିଶିଥିଲା ଆଳସ୍ୟ ରୂପି ଲୁଣ। ଡରର ଉତ୍ତାପ ତା' ଦେହରେ ପୂରି ରହିଥିଲା। ଅପମାନର କାଳିମା ଭାସୁଥିଲା ସେହି ଜଳରେ, ଆଉ ଭୀରୁତାର ଦୁର୍ଗନ୍ଧ ଆସୁଥିଲା ସେହି ଜଳରୁ। ଏବେ ତୁ କହ ପୁଅ ଯେଉଁ ଜଳ ଦୁର୍ଗନ୍ଧରେ ନାକ ଫାଟି ଯାଉଥିବ, ଯାହାକୁ ପିଇଲେ ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହୋଇଯାଉଥିବ ଆଉ ଯେଉଁ ଜଳରେ ଆତ୍ମସମ୍ମାନର ପାରଦର୍ଶିତା ଦେଖାଯାଉ ନ ଥିବ ସେ ଜଳ କ'ଣ କେବେ ମଣିଷକୁ ତୃପ୍ତି ଦେଇପାରିବ ? ହେଲେ, ତୋର ଭାଇ ଯୁଧିଷ୍ଠିର ଯେଉଁ ଜଳ ଆଣିଥିଲା, ତାହା ପରିପୂର୍ଣ୍ଣ ଥିଲା ପରିଶ୍ରମର ମିଠାସରେ। ତେଣୁ ସେହି ଜଳକୁ ପିଇବା ମାତ୍ରେ ମୋର ଶୋଷ ମେଣ୍ଟିଗଲା ଆଉ ଆତ୍ମା ତୃପ୍ତ ହୋଇଗଲା। ମାତା କୁନ୍ତୀଙ୍କର କଥା ଶୁଣି ଲଜ୍ଜାରେ ମୁଣ୍ଡ ତଳକୁ ନଇଁଗଲା ଭୀମଙ୍କର।

**– ନୃସିଂହ ଚରଣ ବେହେରା**
ପ୍ଲଟ ନଂ.–୨୧୭/(ପି), ୟୁନିଟ୍–୯
ଭୋଇନଗର, ଭୁବନେଶ୍ୱର,
ମୋ:୯୦୯୦୪୫୯୭୪୫

## ଖିଲିଖିଲି ହସ

ପପୁ ଓ ତା'ର ମାଙ୍କ ମଧ୍ୟରେ କଥାବାର୍ତ୍ତା)
ପପୁ: ମା,ଖେଳନା ସବୁ ଖଟ ତଳେ ଲୁଚାଇ ଦିଅ।
ମା: କାଇଁକି ?
ପପୁ: ତପୁ ଆସୁଛି ଆମ ଘରକୁ।
ମା: ଆସୁ, ଏଥିରେ ଅସୁବିଧା କ'ଣ ହେଲା ? ସେ କ'ଣ ତୋ ଖେଳନା ଚୋରାଇ ନେବ ?
ପପୁ: ନା, ସେ ତା'ର ଖେଳନା ଚିହ୍ନିଦେବ।

(ବାପ -ପୁଅ ମଧ୍ୟରେ କଥାବାର୍ତ୍ତା)
ପୁଅ: ବାପା ଏଠାକୁ ଆସ।
ବାପା: ଏମିତି ଡାକନ୍ତିନି ପୁଅ, ସମ୍ମାନର ସହ ଡାକନ୍ତି।
ପୁଅ: ସମ୍ମାନର ସହ ଏଠାକୁ ଆସ ବାପା।

ପ୍ଲମ୍ବର: ସାର୍, ଆପଣଙ୍କ ପାଇପ୍ ଠିକ୍ ହୋଇଗଲା। ଏଥିପାଇଁ ଆପଣଙ୍କୁ ୮୦୦ଟଙ୍କା ଲାଗିବ।
ଇଞ୍ଜିନିୟର: ଆରେ,ଏକ ଘଣ୍ଟା ପାଇଁ ଏତେ ଫିସ୍ ମୋର ତ ହେବନି!
ପ୍ଲମ୍ବର: ସାର୍, ମୁଁ ଯେତେବେଳେ ଇଞ୍ଜିନିୟର ଥିଲି ସେତେବେଳେ ମୋର ବି ଏତିକି ଫିସ୍ ନ ଥିଲା।


## ବିନ୍ଦୁ ଯୋଡ଼



## ଚଗଲା ଭୀମୁ



# ବିରଳ ବ୍ଲଡ୍‌ଗ୍ରୁପ୍ 'ବମ୍ବେ'




**ଆ**ମ ସମସ୍ତଙ୍କର ବ୍ଲଡ୍‌ଗ୍ରୁପ୍‌ରେ ଭିନ୍ନତା ରହିଥାଏ। ବ୍ଲଡ୍‌ଗ୍ରୁପ୍ ଏ (A) ବି (B) ଏବଂ ଓ (O) ପ୍ରକାରର ହୋଇଥାଏ। ସେଥିରୁ 'ଓ' ନେଗେଟିଭ୍ ବ୍ଲଡ୍‌ଗ୍ରୁପ୍‌କୁ ପୃଥିବୀର ସବୁଠାରୁ ଦୁର୍ଲଭ ଶ୍ରେଣୀରେ ରଖାଯାଇଥାଏ। ଆମ ସମସ୍ତଙ୍କର ବ୍ଲଡ଼ଗ୍ରୁପ ବ୍ୟତୀତ ପୃଥିବୀରେ ଅନ୍ୟ କେତେକ ବ୍ଲଡ଼ଗ୍ରୁପ ମଧ୍ୟ ରହିଥାଏ, ଯାହା ସବୁଠାରୁ ଦୁର୍ଲଭ ଶ୍ରେଣୀରେ ଗଣାଯାଏ। ସେଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି 'ବମ୍ବେ' ବ୍ଲଡ଼ଗ୍ରୁପ। ଭାରତରେ ପ୍ରତି ଦଶହଜାର ଲୋକଙ୍କ ମଧ୍ୟରୁ ଜଣେ ଲୋକଙ୍କର ଏବଂ ୟୁରୋପରେ ପ୍ରତି ୧୦ ଲକ୍ଷ ଲୋକଙ୍କ ମଧ୍ୟରୁ ଜଣଙ୍କଠାରେ ଏହି ବ୍ଲଡ଼ଗ୍ରୁପ ମିଳିଥାଏ। 'ବମ୍ବେ' ବ୍ଲଡ଼ଗ୍ରୁପର ଆବିଷ୍କାର ୫୬ ବର୍ଷ ପୂର୍ବରୁ କରାଯାଇଥିଲା। ଅନ୍ୟ ଏକ ବ୍ଲଡ଼ଗ୍ରୁପ ମଧ୍ୟ ଏହାଠାରୁ ଆହୁରି ବିରଳ। ତା'କୁ ''ଗୋଲ୍ଡେନ ବ୍ଲଡ୍ ଗ୍ରୁପ୍'' କୁହାଯାଏ। ରିପୋର୍ଟ ଅନୁସାରେ, ପୃଥିବୀରେ ଏହି ବ୍ଲଡ଼ଗ୍ରୁପର ପ୍ରାୟ ୪୦ ଜଣ ବ୍ୟକ୍ତି ହିଁ ମିଳନ୍ତି।



'ବମ୍ବେ' ବ୍ଲଡ୍‌ଗ୍ରୁପ ବିଷୟରେ ୧୯୫୨ ମସିହାରେ ତତ୍କାଳୀନ ବମ୍ବେ ଏବଂ ଆଜିର ମୁମ୍ବାଇର ଜଣେ ଡ଼ାକ୍ତର ଏମ୍.ଆର୍ ଭେଣ୍ଡେ ଜଣାଇଥିଲେ। ଅନ୍ୟ ବ୍ଲଡ଼ଗ୍ରୁପ ଗୁଡ଼ିକରେ ଆଣ୍ଟିଜେନ୍ ଏଚ୍ (H) ରହିଥାଏ ; ପରନ୍ତୁ 'ବମ୍ବେ'ରେ ଏହି ଆଣ୍ଟିଜେନ୍ ମିଳି ନ ଥାଏ। ଏହାକୁ ଏଚ୍‌ଏଚ୍ (HH) ଗ୍ରୁପ୍ ମଧ୍ୟ କୁହାଯାଏ। ବମ୍ବେରେ ଏହି ଗ୍ରୁପର ସନ୍ଧାନ ମିଳିଥିବାରୁ ଏହି ବ୍ଲଡ଼ଗ୍ରୁପ୍‌କୁ 'ବମ୍ବେ ବ୍ଲଡ଼ଗ୍ରୁପ୍' କୁହାଯାଏ। ଯଦି ସବୁଠାରୁ ବିରଳ ବ୍ଲଡ଼ଗ୍ରୁପର କଥା ଉଠେ ଆର.ଏଚ. ନୁଲ୍ (RH Null), ଯାହାକୁ 'ଗୋଲ୍ଡେନ ବ୍ଲଡ଼' ମଧ୍ୟ କୁହାଯାଏ। ଏହାର ନାମ ଆର.ଏଚ. ନୁଲ୍, କାରଣ ଏଥିରେ ଆର.ଏଚ. (RH) ସିଷ୍ଟମର ୬୧ରୁ ଗୋଟିଏ ଆଣ୍ଟିଜେନ୍ ମଧ୍ୟ ମହଜୁଦ୍ ନ ଥାଏ। ପୂର୍ବ ପଚାଶବର୍ଷର ଇତିହାସରେ ଆଜି ପର୍ଯ୍ୟନ୍ତ ମାତ୍ର ୪୦ ରୁ ୪୩ ଲୋକଙ୍କ ମଧ୍ୟରେ ଏହି ବ୍ଲଡ଼ଗ୍ରୁପ ଥିବା କଥା କୁହାଯାଇଛି। ରିପୋର୍ଟ ଅନୁସାରେ ଏହି ବ୍ଲଡ଼ଗ୍ରୁପର ସମ୍ପୂର୍ଣ୍ଣ ପୃଥିବୀରେ ମାତ୍ର ୯ ଜଣ ହିଁ ଡ଼ୋନର୍ ଅଛନ୍ତି। 'ବମ୍ବେ' ବ୍ଲଡ଼ଗ୍ରୁପ ପ୍ରାୟତଃ ସମ୍ପର୍କୀୟ ବ୍ୟକ୍ତିବିଶେଷଙ୍କଠାରେ ମିଳିପାରେ। ବମ୍ବେରେ ଏହି ଗ୍ରୁପର ରକ୍ତଥିବା ବ୍ୟକ୍ତି ମାତ୍ର ୦.୦୧ ପ୍ରତିଶତ ଅଛନ୍ତି। ଯଦି ମାତା ପିତାଙ୍କ ରକ୍ତ 'ବମ୍ବେ' ବ୍ଲଡ଼ ଗ୍ରୁପ ତେବେ ଏପରି ସମ୍ଭାବନା ଥାଏ ଯେ, ଶିଶୁର ବ୍ଲଡ଼ଗ୍ରୁପ ମଧ୍ୟ ଏପରି ହୋଇପାରେ। 'ବମ୍ବେ' ବ୍ଲଡ଼ ଗ୍ରୁପ୍ ବିଶ୍ୱରେ କେବଳ ୦.୦୦୦୪ ପ୍ରତିଶତ ଲୋକଙ୍କଠାରେ ଦେଖାଯାଏ। ୧୯୦୦ – ୧୯୦୨ ମସିହାରେ କାର୍ଲଲ୍ୟାଣ୍ଡ ଷ୍ଟେନିଅର ନାମକ ଜଣେ ବୈଜ୍ଞାନିକ ମନୁଷ୍ୟର ରକ୍ତକୁ ଚାରୋଟି ଗ୍ରୁପ୍ – ଏ (A), ବି (B), ଏବି (AB) ଏବଂ ଓ (O) ରେ ବାଣ୍ଟିଥିଲେ। 'ଓ' ବ୍ୟତୀତ 'ଏ', 'ବି', 'ଏବି' ସମୂହର କୋଶିକାଗୁଡ଼ିକରେ ଅନୁରୂପ ଆଣ୍ଟିଜେନ୍ସ ରହିଥାଏ। ତେଣୁ 'ଓ' ବ୍ଲଡ୍‌ଗ୍ରୁପ ଥିବା ବ୍ୟକ୍ତି ଯେକୌଣସି ବ୍ଲଡ଼୍‌ଗ୍ରୁପ ଥିବା ବ୍ୟକ୍ତିଙ୍କୁ ନିଜର ରକ୍ତ ପ୍ରଦାନ କରିପାରିବେ ଏବଂ ଏହି ଗ୍ରୁପକୁ ୟୁନିଭର୍ସାଲ ଡ଼ୋନର କୁହାଯାଏ। 'ଏବି' ବ୍ଲଡ଼ଗ୍ରୁପକୁ ୟୁନିଭର୍ସାଲ ରିସିପିଏଣ୍ଟ କୁହାଯାଏ। କାରଣ ଏହି ଗ୍ରୁପର ବ୍ୟକ୍ତି ଏ, ବି, ଏବି ଏବଂ ଓ ସମସ୍ତଙ୍କଠାରୁ ରକ୍ତ ଗ୍ରହଣ କରିପାରିବେ। ବୈଜ୍ଞାନିକଙ୍କ ଅନୁସାରେ ଲୋହିତ ରକ୍ତ କଣିକାରେ ୩୪୨ ଆଣ୍ଟିଜେନ୍ସ ରହିଥାଏ।

ଏହି ଆଣ୍ଟିଜେନଗୁଡ଼ିକ ଏକତ୍ରିତ ହୋଇ ଆଣ୍ଟିବଡ଼ି ପ୍ରସ୍ତୁତିରେ କାର୍ଯ୍ୟ କରିଥାଏ। ଯେକୌଣସି ବ୍ଲଡ଼ ଗ୍ରୁପର ନିର୍ଦ୍ଧାରଣ ଏହି ଆଣ୍ଟିଜେନ୍ ସଂଖ୍ୟା ଉପରେ ନିର୍ଭର କରିଥାଏ। ସାଧାରଣତଃ ଲୋକମାନଙ୍କ ରକ୍ତରେ ୩୪୨ରେ ୧୬୦ ଆଣ୍ଟିଜେନ୍ସ ହୋଇଥାଏ। ଯଦି ରକ୍ତରେ ଏହାର ସଂଖ୍ୟାରେ ୯୯ ପ୍ରତିଶତ କମ୍ ଦେଖାଯାଏ, ତେବେ ତା'କୁ ଦୁର୍ଲଭ ଶ୍ରେଣୀରେ ରଖାଯାଏ। ଏହି ସଂଖ୍ୟା ଯଦି ୯୯.୯୯ ପ୍ରତିଶତ ପର୍ଯ୍ୟନ୍ତ ଆସିଯାଏ, ତେବେ ଏହା ଦୁର୍ଲଭଠାରୁ ମଧ୍ୟ ଆହୁରି ଦୁର୍ଲଭ। 'ବମ୍ବେ' ବ୍ଲଡ଼ଗ୍ରୁପର ବ୍ୟକ୍ତି କେବଳ ବମ୍ବେ ବ୍ଲଡ଼ଗ୍ରୁପର ବ୍ୟକ୍ତିଙ୍କଠାରୁ ରକ୍ତ ଗ୍ରହଣ କରିପାରିବେ।

– **ସ୍ମିତା ନାୟକ**
ଭଞ୍ଜନଗର, ଗଞ୍ଜାମ





## ଗିନିଜ୍ ୱାର୍ଲ୍ଡ ରେକର୍ଡ ମ୍ୟୁଜିୟମ୍

ଆସ ଜାଣିବା





**ପୃ**ଥିବୀର ସବୁଠାରୁ ଉଚ୍ଚା ମଣିଷ, ବୃହତ୍ତମ ପିଜ୍ଜା, ଓଜନିଆ ତରଭୁଜ, କ୍ଷୁଦ୍ରତମ ବିଲେଇ ଆଦି ବିଭିନ୍ନ ରେକର୍ଡ ସବୁ ସ୍ଥାନ ପାଇଥାଏ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଏହି ଗିନିଜ୍ ୱାର୍ଲ୍ଡ ରେକର୍ଡର ଏକ ମ୍ୟୁଜିୟମ ରହିଛି କାନାଡାର ନାଏଗ୍ରା ଫଲ୍‌ଠାରେ। ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ପୃଥିବୀର ବିଭିନ୍ନ ସ୍ଥାନରୁ ସଂଗୃହୀତ ହୋଇ ଆସିଥିବା ରେକର୍ଡ ବ୍ରେକିଙ୍ଗ୍ ଜିନିଷ ସବୁକୁ ଗୋଟିଏ ସ୍ଥାନରେ ଦେଖିବାର ତଥା ଏହି ସମ୍ପର୍କିତ ବିଭିନ୍ନ ତଥ୍ୟ ପଢିବାର ସୁଯୋଗ ପାଇଥାନ୍ତି। କେବଳ ସେତିକି ନୁହେଁ ଏଠାରେ ପର୍ଯ୍ୟଟକମାନେ ପୃଥିବୀର ସବୁଠାରୁ ଉଚ୍ଚା ମଣିଷଙ୍କ ଷ୍ଟାଚ୍ୟୁ ଏବଂ ତାଙ୍କ ଚେୟାରରେ ବସି ଫଟୋ ଉଠେଇବା ସହ, ସବୁଠାରୁ ଓଜନିଆ ମଣିଷଙ୍କ ଡମି ପୋଷାକ ପିନ୍ଧି ଫଟୋ ଉଠେଇବାର ମଧ୍ୟ ସୁଯୋଗ ପାଇଥାନ୍ତି। ଏହା ବ୍ୟତୀତ ଏଠାରେ ରହିଛି ଗେମିଙ୍ଗ ଏରିଆ, ଫଟୋ ଭିଡିଓ ଗ୍ୟାଲେରି, ସ୍ପେସ୍ ଆଡଭେଞ୍ଚର, ଫୁଡ ଗ୍ୟାଲେରି ଇତ୍ୟାଦି। ତେବେ ଗିନିଜ୍ ୱାର୍ଲ୍ଡ ରେକର୍ଡ ମ୍ୟୁଜିୟମ୍ ନିହାତି ଭାବେ ପର୍ଯ୍ୟଟକଙ୍କ ଲାଗି ବିଶେଷ କରି ପିଲାମାନଙ୍କ ଲାଗି ଏକ ମନୋରଞ୍ଜନଧର୍ମୀ ପର୍ଯ୍ୟଟନ ସ୍ଥଳୀ।











୧




୨





୩



୪




୫



୬




୭



୮



୯



୧୦



**ଆଦ୍ୟାଶା ଦାଶ**
କ୍ଲାସ – ୧, କେନ୍ଦ୍ରୀୟ ବିଦ୍ୟାଳୟ, ୟୁନିଟ୍ –୯, ଭୁବନେଶ୍ୱର

୧



**ଦେବୀ ପ୍ରସାଦ ସାହୁ**
କ୍ଲାସ –୫, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ

୨



**ପୀୟୁଷ ପ୍ରୀତମ୍ ଲେଙ୍କା**
କ୍ଲାସ – ୫, ଜାଭିୟର୍ସ ଇଣ୍ଟରନ୍ୟାଶନାଲ୍ ସ୍କୁଲ, ସତ୍ୟନଗର, ଭୁବନେଶ୍ୱର

୩



**ମନସ୍ୱିନୀ ବେହେରା**
କ୍ଲାସ – ୭, କଣ୍ଟି ନୋଡାଲ ଉ.ପ୍ରା. ବିଦ୍ୟାଳୟ, ପିପିଲି, ପୁରୀ

୪



**ଜିମି ମିଶ୍ର**
କ୍ଲାସ – ୩, କ୍ରିଷ୍ଣାମୂର୍ତ୍ତି ୱାର୍ଲ୍ଡ ସ୍କୁଲ, ଜରିପଡ଼ା, କଟକ

୫



**ମନୋରମା ଧଳ**
କ୍ଲାସ – ୩, ବିଜେଇଏମ୍ ସ୍କୁଲ୍, ଭୁବନେଶ୍ୱର

୬



**ସ୍ୱୟମ୍ଶ୍ରୀ ରଥ**
କ୍ଲାସ – ୬, ଶ୍ରୀ ସତ୍ୟସାଇ ବିଦ୍ୟାବିହାର, ଲଣ୍ଡେଇସାହି, ଗଞ୍ଜାମ

୭



**ଜାହ୍ନବୀ ପଟ୍ଟନାୟକ**
କ୍ଲାସ –୨,ସେଣ୍ଟ ଜୋସେଫ୍ ଗାର୍ଲସ ହାଇସ୍କୁଲ, କଟକ

୮



**ପ୍ରତୀକ୍ଷା ମହାପାତ୍ର**
କ୍ଲାସ – ୩, ବିଜେଇଏମ୍ ସ୍କୁଲ୍ –୨, ସତ୍ୟଭାମାପୁର, ଭୁବନେଶ୍ୱର

୯



**ରାଜେଶ୍ୱରୀ ବିଶ୍ୱାଳ**
କ୍ଲାସ – ୬, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର

୧୦

## ହେଜ ପିଲେ ଏହି କଥା

**କବିତା**

ପୂରୁବ ଦିଗରେ ଫରଚା ଦିଶିଲେ
କାଉ ରାବ ଦିଏ କାଆ
ତା' ରାବରେ କୁହେ ଉଠରେ ପିଲାଏ
ମଠ କରୁଅଛ କିଆଁ ?
ଯିଏ ଲଭନ୍ତି ଜୀବନରେ ଖ୍ୟାତି
ନ କରିଣ କେବେ ହେଳା
ସିଏ ସମୟର ସୁବିନିଯୋଗରେ
ବିତାଇଥା'ନ୍ତି ବେଳା ।
ଅପେକ୍ଷା କରେନି ସମୟ କା' ପାଇଁ
ଆସି ଚାଲିଯାଏ ଦୂରେ
ଆସୁ ଅବା ସୁଖ ଆସୁ ବା ଦୁଃଖ
ଅପେକ୍ଷା ନ କରି କା'ରେ ।
ହେଉ ବା ସମୟ ହେଉ ବା ଜୁଆର
ଅଳପ ଅବଧି ଯା'ର
ଯେତେ ଭାବିଲେ ବି ଦୁଃଖ କଲେ ବି
ଫେରେନି ପୁନର୍ବାର ।
ଆଜି ଯେ' ବାଳକ କାଲି ସେ' ଯୁବକ
ହୋଇଯିବ ବୟସ୍କ
ନିମିଷ ମାତରେ ସବୁ ସରିଯିବ
ଚାଲିଯିବ ପରଲୋକ ।
ଶିଖ ପିଲେ କଥା ପୂରାଇକି ମଥା
ନ କରି ସମୟ କ୍ଷୟ
ସଦ୍‌ବିନିଯୋଗ କରିହେବ ଭୋଗ
ଭଲ କାମେ ହେବ ଜୟ ।

**-ବିଷ୍ଣୁ ମୋହନ**
ଏ/୫୮, କ୍ରିଷ୍ଣାଗାର୍ଡନ୍-୨, ଖଣ୍ଡଗିରି, ଭୁବନେଶ୍ୱର






## ଖୁସି ବାଣ୍ଟିଦେବୁ ସବୁରି

ଆମେ ଏ ଦେଶର ଟିକିଟିକି କଢ଼ି
ଆସନ୍ତାକାଲିର ସୂରୁଯ
ଆମେଟି ଗଢ଼ିବୁ ଏ ଦେଶ ଭୂଇଁକୁ
ବୁଣି ସୌରଭର ମୁରୁଜ ।
ବୁହାଇ ଦେବୁଟି ନୂଆ ଚେତନାର
ଫେରିଲା ବସନ୍ତ ମଳୟ
ଭେଦଭାବ କିଛି ନ ରଖିବୁ ଆମେ
ସରଜିବୁ କେତେ ବଳୟ ।
ଆମ୍ଭେ ପରା ଗାନ୍ଧୀ, ଗୋପବନ୍ଧୁଙ୍କର
ଶୁଭାଶିଷ ବୋଳା ଦାୟାଦ,
ପର ପାଇଁ ନିଜ ଜୀବନକୁ ବଳି
ଦେଇ ବିସର୍ଜିବୁ ସମ୍ପଦ ।
ନିଜେ ହସି ହସି ବିତରି ଦେବୁଟି
ଖୁସି ବାଣ୍ଟିଦେବୁ ସବୁଠି
ଆହାର ଯୋଗାଇ ଭୋକିଲା ନ ରଖି
ଖୋଲିଦେବୁ ସୁନା-ପଞ୍ଜୁରି ।

**-ଜଗନ୍ନାଥ ସାମଲ**
ତୁଳସୀପୁର, ଭଣ୍ଡାରିପୋଖରୀ, ଭଦ୍ରକ
ମୋ: ୯୪୩୭୩୦୯୯୩୬

## କହିଲ ଦେଖି



୧) ମୋ
ପାଖରେ ଅଛି ଦୁଇଟି ହାତ
ଡରି ଯାଏ ମୋତେ ଦେଖିଲେ ଶୀତ
ରହିଛି ମୋ ପାଖେ ଗୋଟାଏ ମୁହଁ
ଢାଙ୍କି ରଖେ ମୁହିଁ ଅନ୍ୟର ଦେହ
ଦେହ ସିନା ମୋର ଅଟେ ନରମ
ହେଲେ ଅଟେ ମୁହିଁ ଭାରି ଗରମ
ଖୋଜା ପଡେ ମୋର ଆସିଲେ ଶୀତ
ଶୀତ ଦିନେ ମୁହିଁ ଦେହକୁ ହିତ ।

**ଉ-ସ୍ୱେଟର୍**



୨)ରଖିଥାଏ
ମୁହିଁ ଦେହ ଘୋଡେଇ
ଦେହରୁ ଶୀତକୁ ଦିଏ ଛଡେଇ
ସମ୍ବର୍ଦ୍ଧନା ବେଳେ କାନ୍ଧରେ ଥାଏ
ସମ୍ମାନିତ ବ୍ୟକ୍ତି ବୋଲି ମୁହିଁ ଜଣାଏ
ସ୍ୱେଟର ନୁହେଁ କି କମ୍ବଳ ନୁହେଁ
ଆପଣାର ସାଜି ସାଥିରେ ଥାଏ ।

**ଉ-ଚାଦର**



୩)ଉଲ୍‌ରେ
ମୋ ଦେହ ଗଢା ହୋଇଛି
ଶୀତ ଆସିଲେ ମୋର ଲୋଡା ପଡୁଛି
ମୋତେ ରଖିଥାଏ ଯିଏ ମୁଣ୍ଡରେ
ଥରେ ନାହିଁ ଆଉ ସିଏ ଶୀତରେ
ଅଟକାଇ ରଖେ ଶୀତକୁ ମୁହିଁ
ପାରେ ନାହିଁ ଶୀତ ସହଜେ ଛୁଇଁ ।

**ଉ-ମଫ୍‌ଲର୍**

**-ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର,ଯାଜପୁର
ମୋ:୮୮୯୨୩୦୧୧୪୩


## ଆରଥରର ଉତ୍ତର


* କବୟିତ୍ରୀ
* ସିଂହୀ
* ଅବିଶ୍ୱାସ
* ତଳ
* ମୟୂରୀ

## ଏ ଥ ର ର ପ୍ର ଶ୍ନ

- ଜ୍ଞାନପୀଠ ପୁରସ୍କାର କେଉଁ କ୍ଷେତ୍ରରେ ପ୍ରଦାନ କରାଯାଇଥାଏ?
- କେଉଁଟି ଭାରତର ସର୍ବୋଚ୍ଚ କ୍ରୀଡା ପୁରସ୍କାର?
- ଭାରତର ସର୍ବୋଚ୍ଚ ସାମରିକ ପୁରସ୍କାର କେଉଁଟି?
- ନିକଟରେ କେଉଁ ପ୍ରସିଦ୍ଧ ସାମ୍ବାଦିକଙ୍କୁ ରମନ ମାଗାସେସେ ପୁରସ୍କାର ପ୍ରଦାନ କରାଯାଇଛି?
- ନିକଟରେ କେଉଁ ପ୍ରସିଦ୍ଧ ଅଭିନେତାଙ୍କୁ ଦାଦା ସାହେବ ଫାଲକେ ପୁରସ୍କାର ପ୍ରଦାନ କରାଯାଇଛି।

## ଆସ ଖୋଜିବା






## ତୁମ ପଢ଼ିବା ପାଇଁ

**ମୋ ଆଶା:** ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଅକ୍ଟୋବର-ଡିସେମ୍ବର ସଂଖ୍ୟାରେ ରହିଛି ଆମ ଜହ୍ନମାମୁର କାହାଣୀ, ଜର ହୋଇଛି ମୋ ଦାଆଙ୍କୁ, କୁନାଭାଳେ ମନରେ, ଡକ୍ଟର ଆଲେକ୍‌ଜାଣ୍ଡର ଗ୍ରାହାମବେଲ ଭଳି କେତୋଟି ଗଳ୍ପ ଓ କବିତା । ଏହା ସହିତ ରହିଛି କେତୋଟି ଶିକ୍ଷଣୀୟ ବିଷୟବସ୍ତୁ। ସୁମନ୍ତ ମହାରଣାଙ୍କ ସମ୍ପାଦିତ ଏହି ପତ୍ରିକାର ମୂଲ୍ୟ ରହିଛି ୧୫ଟଙ୍କା । ଯୋଗାଯୋଗ: ମୋ ଆଶା, ଲିଟିଲ ଷ୍ଟାର ଗ୍ରୁପ୍, ପାଟପୁର, ନିମାପଡା, ପୁରୀ ।

# ଜଣା ଅଜଣା



* ଉଦ୍ଭିଦ ଜଗତର ପ୍ରାୟ ୮୫ ପ୍ରତିଶତ ଉଦ୍ଭିଦ ସମୁଦ୍ର ଗର୍ଭରେ ଦେଖାଯା'ନ୍ତି।



* ବୋନୋବୋ ନାମକ ଏକ ସିମ୍ପାଞ୍ଜି ପ୍ରଜାତି ଅଛନ୍ତି ଯେଉଁମାନେ କେବଳ କଙ୍ଗୋ ଜଙ୍ଗଲରେ ଦେଖାଯା'ନ୍ତି। କୁହାଯାଏ ମଣିଷମାନଙ୍କ ସହ ଏହି ପ୍ରଜାତିର ବେଶ୍ ସାମଞ୍ଜସ୍ୟ ରହିଛି।




*ହସିବା ଦ୍ୱାରା ମଣିଷର ଅବସାଦ ଦୂର ହୋଇଥାଏ ଯାହା ତାକୁ ଦୀର୍ଘଜୀବୀ କରିବାରେ ସାହାଯ୍ୟ କରେ।



* ସିନ୍ଧୁ ଘୋଟକର ଦାନ୍ତ ବା ପାକସ୍ଥଳୀ ନ ଥାଏ। ତେଣୁ ଏମାନେ ବଞ୍ଚିରହିବା ପାଇଁ ଅହରହ ଖାଦ୍ୟ ଖାଇଥାନ୍ତି।



* ସ୍ପେଶାଲ ଅଲିମ୍ପିକ ଗେମ୍ସ ବିଶ୍ୱର ସବୁଠାରୁ ବଡ ଗେମ୍ ଇଭେଣ୍ଟ ଯାହା ମାନସିକ ଭାବେ କମ୍ ବିକଶିତ ବ୍ୟକ୍ତି ବିଶେଷଙ୍କ ଲାଗି ଆୟୋଜନ କରାଯାଇଥାଏ।





* ରେଶମ ପୋକର ଲାଳରୁ ରେଶମ ସୂତା ପ୍ରସ୍ତୁତ ହୋଇଥାଏ।

# ଆଇନା



ଅଭିଲିପ୍ସା
୫ ବର୍ଷ

ଆଦ୍ୟା
୮ ବର୍ଷ





ଶିୟା
୫ ବର୍ଷ